ମୟୂରଭଞ୍ଜରେ ଜଣେ

କିଏ ?

Digitized by PPRACHIN, SOA

ଶ୍ରୀ ହରିଶ୍ଚନ୍ଦ୍ର ଦାଶ

Digitized by PPRACHIN, SOA

ମୟୁରଭଞ୍ଜରେ

ଗୋଟାଏ ଲୋକ

ମୟୂରଭଞ୍ଜ ଓଡ଼ିଶାରେ ମିଶିବା ପରେ ସମସ୍ତଙ୍କର ଆଖି ପଡ଼ିଛି ବର୍ତ୍ତମାନ ତାହାର ଉପରେ । ଖାଲି ଗୋଟାଏ ବଡ଼ ଗଡ଼ଜାତ ହିସାବରେ ନୁହେଁ ନିକଟ ଭବିଷ୍ୟତରେ ଓଡ଼ିଶା ଯେ ଗୋଟାଏ ସମୃଦ୍ଧିଶାଳୀ ରାଜ୍ୟରେ ପରିଣତ ହେବାର ପରିକଳ୍ପନା ଚାଲିଛି, ନାନା ଖଣିଜ ସଂପଦରେ ଭରା ମୟୂରଭଞ୍ଜ ସେଥିରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଛି । ସେଇଥିପାଇଁ ଏହା ପ୍ରତି ସମସ୍ତେ ଆକୃଷ୍ଟ ।

ସରକାରୀ କର୍ମଚାରୀ ଭାବରେ ହେଉ ବା ବେସରକାରୀ ଲୋକ ଭାବରେ ହେଉ ବାହାରୁ ଦର୍ଶକ ହିସାବରେ ଯେଉଁମାନେ ମୟୂରଭଞ୍ଜ ଯାଉଛନ୍ତି ଗୋଟାଏ କଥା ସେମାନେ ଲକ୍ଷ୍ୟ କରୁଛନ୍ତି ଯେ ଗୋଟାଏ ଦଳକୁ ନେଇ ଗୋଟାଏ ଲୋକ ମୟୂରଭଞ୍ଜର ସବୁକ୍ଷେତ୍ରରେ ବ୍ୟାପି ରହିଛି । ଗାଁ ଗହଳର ଚାଷି ମୂଲିଆ ଭିତରେ, କଳ କାରଖାନା ଶ୍ରମିକମାନଙ୍କ ମଧ୍ୟରେ, ଆଦିବାସୀମାନଙ୍କର ଭିତରେ, ରାଜ୍ୟର ହରିଜନ ଛାତ୍ରମାନଙ୍କ ଭିତରେ, ସ୍କୁଲ କଲେଜର ଛାତ୍ରମାନଙ୍କ ମଧ୍ୟରେ, ମ୍ୟୁନିସିପାଲିଟିର କର୍ମଚାରୀ ମାନଙ୍କ ମଧ୍ୟରେ, ଜନସାଧାରଣଙ୍କ ସେବା ଅନୁଷ୍ଠାନମାନଙ୍କରେ ଓ ରାଜନୈତିକ କ୍ଷେତ୍ରରେ ଯେଉଁଠି ଦେଖିବ ସେହି ଗୋଟାଏ ଲୋକ । ସେ ହେଉଛନ୍ତି ଧିଷ୍ଟଦୁ ଦାଶ ।

Digitized by PPRACHIN, SOA

କେହି କହନ୍ତି ଯେ ଭୀଷଣ ବାଧାବନ୍ଧନର ଭିତରେ ଦେଇ ମୟୂରଭଞ୍ଜକୁ ଓଡ଼ିଶା ସହିତ ମିଶ୍ରଣ କରିବାରେ ସର୍ବସ୍ୱ ତ୍ୟାଗକରି ମିଶ୍ରଣ କାର୍ଯ୍ୟରେ ସେ ଅଗ୍ରଣୀ ହୋଇଥିବାରୁ ମିଶ୍ରଣର ସ୍ୱାଦୁ ମୟୂରଭଞ୍ଜ ବାସୀ ଆଜିର ପାଇବେ ସେଥିପାଇଁ ତାଙ୍କର ଏତେ ଚେଷ୍ଟା ଓ ପରିଶ୍ରମ । କିନ୍ତୁ ଯେ ତାଙ୍କୁ ଜାଣିଛନ୍ତି ବା ତାଙ୍କ ସହ କାର୍ଯ୍ୟକ୍ଷେତ୍ରରେ କାମ କରିଛନ୍ତି ତାଙ୍କର କର୍ମମୟ ଜୀବନ କେବଳ ମୟୂରଭଞ୍ଜରେ ସୀମାବଦ୍ଧ ଓ ଏହା ମିଶ୍ରଣଠାରୁ ଆରମ୍ଭ ହୋଇଛି ବୋଲି ସେ କେବେ କହିବ ନାହିଁ । ଯେଉଁମାନେ ଏପରି ଧାରଣା ପୋଷିଛନ୍ତି ନିମ୍ନ କେତୋଟି ଘଟଣାରୁ ହରିଶବାବୁ ଛାତ୍ର ଅବସ୍ଥାରୁ କିପରି ଦେଶ କାମରେ ଲିପ୍ତ ସେ ବିଷୟ ଅବଗତ ହୋଇପାରିବେ ।

ଛାତ୍ରଜୀବନ—

୧୯୨୮ ସାଲରେ କଲିକତାରେ ଭାରତ ଜାତୀୟ କଂଗ୍ରେସର ବିରାଟ ଅଧିବେଶନରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କର ନେତୃତ୍ୱରେ ଗଢ଼ା ଯାଇଥିବା ସ୍ୱେଚ୍ଛାସେବକ ବାହିନୀରେ ଯୋଗଦେବା ଦ୍ୱାରା ହରିଶ୍ଚନ୍ଦ୍ର ଦାଶଙ୍କର କର୍ମମୟ ଜୀବନ ସେଠାରେ ଆରମ୍ଭ ହୋଇଥିଲା । ସେତେବେଳେ ସେ ଥିଲେ ଛାତ୍ର । ଅନ୍ୟାୟ ବିରୁଦ୍ଧରେ ଛାତ୍ର ଶକ୍ତିକୁ ସଂଗଠିତ କରି ନ୍ୟାୟ ପ୍ରତିଷ୍ଠା କରିବାପାଇଁ ଅନେକ କ୍ଷେତ୍ରରେ ସେ ଅଗ୍ରଣୀ ହୋଇଛନ୍ତି । ୧୯୨୯ ଖ୍ରୀଷ୍ଟାବ୍ଦରେ ମୟୂରଭଞ୍ଜର ଜଣେ ବର୍ମା ଶିକ୍ଷାବିଭାଗୀୟ ସୁପରିଣ୍ଟେଣ୍ଡେଣ୍ଟ ଥିବାରୁ ସ୍କୁଲରେ ସରସ୍ୱତୀ ପୂଜା କରିଦେବେ ନାହିଁ ବୋଲି ଆଦେଶ ଦେଲେ । ଛାତ୍ର ହରିଶ୍ଚନ୍ଦ୍ର ଏ ଅନ୍ୟାୟ ଆଦେଶ ବିରୁଦ୍ଧରେ ଛାତ୍ର ଶକ୍ତି ଠୁଳ କରି ଶେଷରେ ବିଜୟ ହାସଲ କଲେ । ସ୍କୁଲରେ ସରସ୍ୱତୀ ପୂଜା ଅତି ଆଡ଼ମ୍ବରରେ ଅନୁଷ୍ଠିତ ହେଲା ।

Digitized by PPRACHIN, SOA

ବିପ୍ଳବୀ ହରେକୃଷ୍ଣ ଦାଶ—

ତାପରେ ଆସିଲା ୧୯୩୦ ଖ୍ରୀଷ୍ଟାବ୍ଦର ଲବଣ ସତ୍ୟାଗ୍ରହ ଆନ୍ଦୋଳନ । ବାଲେଶ୍ୱର ଜିଲାର ଇଞ୍ଚୁଡ଼ିଠାରେ ଲବଣମାରା ସତ୍ୟାଗ୍ରହ ଆନ୍ଦୋଳନରେ ଯୋଗଦେବା ପାଇଁ କର୍ମବୀର ଶ୍ରୀ ହରେକୃଷ୍ଣ ମହତାବ ଦେଶବାସୀଙ୍କୁ ଡାକ ଦିଅନ୍ତେ ତାଙ୍କର ପ୍ରେରଣାରେ ଅନୁପ୍ରାଣିତ ହୋଇ ଯୁବ ହରେକୃଷ୍ଣ ଚିରଦିନ ପାଇଁ ଯୁବ ଜୀବନକୁ ବିଦାୟ ଦେବାକୁ ମନସ୍ଥ କଲେ ।

ଅନ୍ୟାନ୍ୟ ଗଡଜାତ, ବାହାର ଆନ୍ଦୋଳନରେ କୌଣସି ପ୍ରକାର ଯୋଗ ନଥିଅନ୍ତି ସେଥିପାଇଁ ଭିଜାସରକାରଙ୍କ କଡ଼ା ପହରା । ତା ଛଡ଼ା ବଡ଼ ଭାଇ ସମ୍ବଲପୁର ପୋଲିସ ସୁପରିଣ୍ଟେଣ୍ଡେଣ୍ଟ, ବାପା, ମହାରାଜାଙ୍କ ପ୍ରାଇଭେଟ ସେକ୍ରେଟେରୀ । ଆନ୍ଦୋଳନରେ ଯୋଗଦେଲେ ଏମାନଙ୍କ ଚାକିରୀରେ ଅସ୍ତିତ୍ୱ ରହିବ କି ନା ଏସବୁ ପ୍ରତି ଭ୍ରୂକ୍ଷେପ ନକରି ଯୁବ ହରେକୃଷ୍ଣ ସବୁପ୍ରକାର ବିପଦର ସମ୍ମୁଖୀନ ହେବାକୁ ପ୍ରସ୍ତୁତ ହୋଇ କେତେକ ସହକର୍ମୀଙ୍କୁ ନେଇ ଲବଣମାରା ଆନ୍ଦୋଳନରେ ଯୋଗ ଦେଇଥିଲେ । ଏଣେ ବ୍ରିଟିଶ ସରକାରଙ୍କ କର୍ମଚାରୀମାନେ ଏହି ଆନ୍ଦୋଳନରେ ଯୋଗଦେଇଥିବା କର୍ମୀମାନଙ୍କୁ ନାନା ମିଥ୍ୟା ଅପରାଧରେ ଅଭିଯୁକ୍ତ କରି ଦଣ୍ଡ ଦେବା ପାଇଁ ଷଡ଼ଯନ୍ତ୍ର କରୁଥାନ୍ତି । ବିପ୍ଳବୀ ହରେକୃଷ୍ଣ ଦାଶ ଏ ପ୍ରକାର ଷଡ଼ଯନ୍ତ୍ରରୁ ବାଦ୍ ପଡ଼ିନଥିଲେ । ବାଲେଶ୍ୱରଠାରେ ବ୍ରିଟିଶ ଫଉଜଙ୍କ ବନ୍ଧୁକଖାନାରେ ନିଆଁ ଲଗାଇବାକୁ ଯାଇଥିଲେ ବୋଲି ମିଥ୍ୟା ଅପରାଧରେ ହରେକୃଷ୍ଣଙ୍କୁ ଅଭିଯୁକ୍ତ କରି ତାଙ୍କର ନାମରେ ସରକାର ୱାରେଣ୍ଟ ଜାରିକଲେ । ଏ ପ୍ରକାର

Digitized by PPRACHIN, SOA

ଅନ୍ୟାନ୍ୟ ଓ୍ୱାରଣ୍ଟରୁ ଦୂରରେ ରହିବା ପାଇଁ ବାଲେଶ୍ୱରର ତତ୍କାଳୀନ ହେଲ୍ଥ ଅଫିସର ଶ୍ରୀଯୁକ୍ତ ଦାମୋଦର ମହାନ୍ତିଙ୍କ ଘରେ ସେ ଅଜ୍ଞାତ ବାସ କରିଥିଲେ । ମାତ୍ର ୭ ଦିନ ଏଠାରେ ରହିବା ପରେ ଏହି ଆନ୍ଦୋଳନରେ ଯୋଗଦେବାପାଇଁ ଆସୁଥିବା ଦଳେ ନୂତନ କର୍ମୀଙ୍କୁ ସମ୍ବର୍ଦ୍ଧନା ଜଣାଇବା ପାଇଁ ବାଲେଶ୍ୱର ଷ୍ଟେସନକୁ ଯାଉଥିବା ବେଳେ ବାଟରେ ସେ ଗିରଫ ହେଲେ । ତାଙ୍କର ବିଚାର ହେଲା ଏବଂ ସେ ଛଅ ସପ୍ତାହ ଜେଲଦଣ୍ଡ ଭୋଗିଲେ । ଜେଲ ଜୀବନପରେ ଯେତେବେଳେ ସେ ତାଙ୍କ ରାଜ୍ୟ ମୟୂରଭଂଜକୁ ଫେରିଲେ ମୟୂରଭଞ୍ଜର ତତ୍କାଳୀନ ପୋଲିସ ସୁପରିଣ୍ଟେଣ୍ଡେଣ୍ଟ ଶ୍ରୀଯୁକ୍ତ ବୈଷ୍ଣବ ଚରଣ ଦାସ ତାଙ୍କୁ ଛ ମାସ ପାଇଁ ରାଜ୍ୟରୁ ବାହାର ଯିବାପାଇଁ ଆଦେଶ ଦେଇଥିଲେ । ଫଳସ୍ୱରୂପ ଏହି ୬ ମାସ କାଳ ବିହାର, ଯୁକ୍ତ ପ୍ରଦେଶ, ମଧ୍ୟପ୍ରଦେଶ ପ୍ରଭୃତି ଉତ୍ତର ଭାରତରେ ଭ୍ରମଣ କରି ବିଭିନ୍ନ ରାଜନୈତିକ ଅନୁଷ୍ଠାନ ପରିଦର୍ଶନ କରିଥିଲେ ।

ମୟୂରଭଂଜ ପ୍ରଜାଭାଇମାନଙ୍କ ସାଧାରଣ ଜ୍ଞାନର ବିକାଶ ପାଇଁ ନବଯୁଗର ଅବଦାନ ଟଲରିଏକୁ ସେ ୧୯୩୧ ଖ୍ରୀଷ୍ଟାବ୍ଦରେ ପ୍ରଥମକରି ମୟୂରଭଂଜରେ ପ୍ରତିଷ୍ଠା କରିଥିଲେ । ଏହା ଛଡ଼ା ସାଧାରଣ ପ୍ରଜାଭାଇ ବସି କୌଣସି ବିଷୟରେ ଆଲୋଚନା କରିବା ବା ପତ୍ର ପତ୍ରିକା ପଢି ଜ୍ଞାନର ବିକାଶ ସାଧନ କରିବା ପାଇଁ କ୍ଲବ ନଥିଲା । ମହାରାଜା କେବଳ ଗୋଟିଏ କ୍ଲବ ଚଳାଉଥିଲେ । ଏଥିରେ ବଡ଼ ୨ ହାକିମ ହୁକୁମାଙ୍କ ବ୍ୟତୀତ ସାଧାରଣଙ୍କ ପ୍ରବେଶ ଅଧିକାର ନଥିଲା । ତେଣୁ ୧୯୩୨ ଖ୍ରୀଷ୍ଟାବ୍ଦରେ ମହାରାଜାଙ୍କ ଏହି କ୍ଲବ ବିରୁଦ୍ଧରେ ଯାଇ

Digitized by PPRACHIN, SOA

ସର୍ବସାଧାରଣ ସୁବିଧା ସଙ୍ଘଟଣ ଫ୍ରେଣ୍ଡ୍‌ସ ଇଉନିୟନ ନାମରେ ଗୋଟିଏ କ୍ଲବ ଖୋଲିଥିଲେ ।

ବିଭିନ୍ନ ରାଜ୍ୟର ସାମାଜିକ, ଓ ଆର୍ଥିକ ଅବସ୍ଥା ଜାଣିବା ପାଇଁ ସେ ହାଇଦ୍ରାବାଦ, ଧନୁଷ୍କୋଟ, ମାଡ୍ରାସ ଓ ରାମେଶ୍ୱର ପ୍ରଭୃତି ଦକ୍ଷିଣ ଭାରତ ଭ୍ରମଣ କରି ସେ ଦିଗରେ ନାନା ତଥ୍ୟ ସଂଗ୍ରହ କରିଥିଲେ ।

ଲେଖକ ହରିଶ୍ଚନ୍ଦ୍ର ଦାଶ—

ଦକ୍ଷିଣ ଭାରତ ଭ୍ରମଣପରେ ହରିଶ୍ଚନ୍ଦ୍ର ଦାଶ ଲେଖନୀ ମୁନରେ ନାଟକ ଆକାରରେ ଦେଶର ଆଦର୍ଶ ଫୁଟାଇବାପାଇଁ ବହୁତ ଗୁଡ଼ିଏ ନାଟକ ଲେଖିଥିଲେ । ତନ୍ମଧ୍ୟରୁ ଦାନବୀର ନାଟକ ସର୍ବୋତ୍କୃଷ୍ଟ ବୋଲି ବିବେଚିତ ହୋଇ ବହୁବାର ବିଭିନ୍ନ ରଙ୍ଗମଞ୍ଚରେ ଅଭିନୀତ ହୋଇଥିଲା । ଏହାଛଡ଼ା ବହୁବାର ସର୍ବସାଧାରଣ ଅନୁଷ୍ଠାନ (Public function) ମାନଙ୍କର ଦାୟିତ୍ୱ ବହନ କରି ସୁନାମ ଅର୍ଜନ କରିଛନ୍ତି । ୧୯୩୫ ଖ୍ରୀଷ୍ଟାବ୍ଦରେ ପଞ୍ଚମ ଜର୍ଜଙ୍କର ରୌପ୍ୟ ଜୁବୁଲି ଉତ୍ସବର ସମସ୍ତ ଦାୟିତ୍ୱ ଏକାକି ବହନକରି ଏହାକୁ ସର୍ବାଙ୍ଗ ସୁନ୍ଦର କରିଥିଲେ । ଏହିବର୍ଷ ସେ ସର୍ବପ୍ରଥମ କରି ମୟୂରଭଞ୍ଜରେ "କଥା ଚିତ୍ର" (ସିନେମା) ପ୍ରତିଷ୍ଠା କରିଥିଲେ ।

ବ୍ୟବସାୟୀ ହରିଶ୍ଚନ୍ଦ୍ର ଦାଶ—

୧୯[illegible]୬ ଖ୍ରୀଷ୍ଟାବ୍ଦରେ ଯୁବକ ହରିଶ୍ଚନ୍ଦ୍ର ଦାଶଙ୍କର ବ୍ୟବସାୟ ପ୍ରତି ମନ ଆକୃଷ୍ଟ ହୋଇଥିଲା । ସେ ବମ୍ବେ, କଲିକତାରେ ଜର୍ମାଣି,

Digitized by PPRACHIN, SOA

ଯାପାନ ଅମ୍ବାସେଡ଼ାରଙ୍କ ସହିତ କଥାବାର୍ତ୍ତା କରି ସିଧା ଜର୍ମାନୀରୁ ଓଡ଼ିଶା ଓ ଛୋଟନାଗପୁରକୁ ଅଟୋଭିଲ ଓ ମଟର ସାଇକଲ୍ ଏଜେନ୍ସି ଆଣିଥିଲେ ।

ଖେଳାଳୀ ହରିଶ୍ଚନ୍ଦ୍ର ଦାଶ—

ମୟୂରଭଞ୍ଜରେ ଗୋଟିଏ ଏଥ୍‌ଲେଟିକ୍ ଅସୋସିଏସନ ଥିଲା ; ମାତ୍ର ତାହା ଧୀର ମନ୍ଥର ଭାବେ ଗତି କରୁଥିଲା । ଏହି ଏଥ୍‌ଲେଟିକ ଅସୋସିଏସନକୁ ସର୍ବାଙ୍ଗସୁନ୍ଦର କରିବାପାଇଁ, ସେ ଦୁର୍ଗାପୁର ଚକ୍ର-ଧରପୁର ଓ ଓଡ଼ିଶାର ବିଭିନ୍ନ ଅଞ୍ଚଳ ବୁଲି ବିଭିନ୍ନ ଖେଳାଳି ଦଳକୁ ଆଣି ସେହିବର୍ଷ ପ୍ରତିଯୋଗିତା ଆରମ୍ଭ କରାଇଥିଲେ । ତା ଛଡ଼ା ମୟୂରଭଞ୍ଜରେ ପ୍ରଥମ କରି ଇଣ୍ଡିଆ ଫୁଟବଲ ଆସୋସିଏସନର ପ୍ରତିନିଧି ଦଳ ସହିତ ଓଡ଼ିଶା ଫୁଟବଲ୍ ଖେଳାଳୀ ପ୍ରତିନିଧି ଦଳର ଫୁଟବଲ ମ୍ୟାଚ ଆରମ୍ଭ କରାଇଥିଲେ । ଏହି ଖେଳସବୁ ଏତେଉଚ୍ଚ ଧରଣର ହେଉଥିଲା ଯେ ସେତେବେଳେ ଖେଳାଳି ଜଗତରେ ମୟୂରଭଞ୍ଜ ନାମ ଅତି ଉଚ୍ଚ ହୋଇଥିଲା ।

ଅଭିନେତା ହରିଶ୍ଚନ୍ଦ୍ର ଦାଶ—

୧୯୩୭ ମସିହାରେ ହରିଶ୍ଚନ୍ଦ୍ର ଦାଶ ଜଣେ ଶ୍ରେଷ୍ଠ ଅଭିନେତା ହିସାବରେ ପରିଚିତ ହୋଇଥିଲେ । ଫ୍ରେଣ୍ଡ୍‌ସ ରିକ୍ରିଏସନ କ୍ଲବ ତରଫରୁ ବିଶିଷ୍ଟ ଡ୍ରାମାମାନଙ୍କରେ ସେତେବେଳେ ଅଭିନୟ କରା-ଯାଉଥିଲା ହରିଶ୍ଚନ୍ଦ୍ର ବାବୁ ଅଭିନେତା ହିସାବରେ ସେଥିରେ ଶ୍ରେଷ୍ଠ

Digitized by PPRACHIN, SOA

ସୁନାମ ଅର୍ଜନ କରିଛନ୍ତି । ଏହି ସମୟରେ ରାଜ୍ୟରେ ଭୀଷଣ-ବନ୍ୟା ଦେଖା ଯାଇଥିଲା । ହରିଶ୍ ବାବୁ ସେବକ ବାହିନୀ ଗଠନ କରି ବିଭିନ୍ନ ପ୍ରକାର ସାହାଯ୍ୟ ବନ୍ୟା ପ୍ରପୀଡ଼ିତ ଅଞ୍ଚଳରେ ବିତରଣ କରିଥିଲେ ।

ରାଜନୀତିଜ୍ଞ ହରିଶ୍ଚନ୍ଦ୍ର ଦାଶ—

ମୟୂରଭଞ୍ଜରେ ସାଧାରଣ ସଭା ସମିତି ଉପରେ କଟକଣା ଜାରି ଥିଲା । ୧୯୩୮ ଖ୍ରୀଷ୍ଟାବ୍ଦରେ ଏହି କଟକଣା ଉଠିଯିବାରୁ ରାଜ୍ୟର ପ୍ରଜାମାନଙ୍କ ଭିତରେ ରାଜନୈତିକ ଚେତନା ଆଣିବା ପାଇଁ ଶ୍ରୀ ହରିଶ୍ଚନ୍ଦ୍ର ଦାଶଙ୍କ ନେତୃତ୍ୱରେ ସ୍ୱର୍ଗୀୟ ମହାନ୍ତ ମହାରାଜ ଶ୍ରୀ ବାଳକରାମ ଦାଶଙ୍କ ସଭାପତିତ୍ୱରେ ହୋଇଥିବା ସାଧାରଣସଭାରେ "ପ୍ରଜାସଂଘ" ଗଠିତ ହୋଇଥିଲା । ହରିଶ୍ ବାବୁ ଉକ୍ତ ସଂଘର ନିର୍ବାଚିତ ସଂପାଦକ ରୂପେ ଦୀର୍ଘ ଦଶବର୍ଷ କାଳ କାର୍ଯ୍ୟ କରି ଆସିଥିଲେ ।

ସଂଗଠକ ହରିଶ୍ଚନ୍ଦ୍ର ଦାଶ—

ସଂଗଠନ ହିଁ ଦେଶରେ ସ୍ୱରାଜ ପ୍ରତିଷ୍ଠାର ମୂଳମନ୍ତ୍ର । ଦେଶରେ ସଂଗଠନ କାମ ଜୋର ସୋରରେ ଚଳାଇବା ପାଇଁ ମହାତ୍ମାଗାନ୍ଧୀ ଓ ବଡ଼ ବଡ଼ ମନୀଷୀମାନଙ୍କର ଦେଶବାସୀଙ୍କୁ ନିର୍ଦ୍ଦେଶ ଥିଲା । ୧୯୪୦ ଖ୍ରୀଷ୍ଟାବ୍ଦରେ ହରିଶ୍ଚନ୍ଦ୍ର ଦାଶ ସାରା ମୟୂରଭଞ୍ଜରେ ସଂଗଠନ କାର୍ଯ୍ୟ ଚଳାଇଥିଲେ । ବିଭିନ୍ନ ଗ୍ରାମରେ ସୂତାକଟା କେନ୍ଦ୍ର, ନିରକ୍ଷରତାଦୂରୀ-କରଣ ପାଇଁ ନୈଶବିଦ୍ୟାଳୟ ସ୍ଥାପନ; ମଦ୍ୟନିଷେଧ, ପ୍ରୌଢ଼ଶିକ୍ଷା

Digitized by PPRACHIN, SOA

ଯୁବକଦଳ ଗଠନ, କୋଠ ଅମାର ନିର୍ମାଣ, ସୁଦୂର ମଫସଲରେ ରୋଗୀଙ୍କ ମଧ୍ୟରେ ହୋମିଓପ୍ୟାଥି, କବିରାଜ ଓ ଡାକ୍ତରୀ ଔଷଧ ବିତରଣ, ହରିଜନ ସଂଘ ପ୍ରତିଷ୍ଠା ଇତ୍ୟାଦି ନାନା ସଂଗଠନ କାର୍ଯ୍ୟ ଶ୍ରୀଯୁକ୍ତ ହରିଶ୍ଚନ୍ଦ୍ର ଦାଶଙ୍କ ଦ୍ୱାରା ପରିଚାଳିତ ହେଉଥିଲା । ଏହାଛଡ଼ା ମୟୂରଭଞ୍ଜର ସମସ୍ତ ପ୍ରଜାଭାଇଙ୍କ ଭିତରେ ରାଜନୈତିକ ଚେତନା ଆଣିବା ପାଇଁ ୧୯୪୦ ଖ୍ରୀଷ୍ଟାବ୍ଦ ଜାନୁଆରି ୧୦ ତାରିଖରେ ଦୀର୍ଘ ସାତଦିନ ବ୍ୟାପି ମୟୂରଭଞ୍ଜ ପ୍ରଜାସମ୍ମିଳନୀ ଅଧିବେଶନ ଏହାଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା । ଏ ପ୍ରକାର ବିରାଟ ଅନୁଷ୍ଠାନ ଓଡ଼ିଶାରେ ଏ ପର୍ଯ୍ୟନ୍ତ ହୋଇନାହିଁ କହିଲେ ଅତ୍ୟୁକ୍ତି ହେବନାହିଁ ।

ସାମ୍ବାଦିକ ହରିଶ୍ଚନ୍ଦ୍ର ଦାଶ—

ଓଡ଼ିଶାର ଶିକ୍ଷିତ ମହଲରେ ସାହିତ୍ୟ ଆଲୋଚନା ଓ ପରସ୍ପର-ରେ ଭାବର ଆଦାନ ପ୍ରଦାନ ପାଇଁ ୧୯୪୧ ଖ୍ରୀଷ୍ଟାବ୍ଦରେ କଟକରୁ ହରିଶ୍ ବାବୁ "ଜାଗରଣ" ନାମକ ଗୋଟିଏ ପତ୍ରିକା ପ୍ରକାଶ କଲେ । ଅଳ୍ପସମୟ ମଧ୍ୟରେ ବିଶିଷ୍ଟ ଲେଖକ, ଲେଖିକାଙ୍କ ଉଚ୍ଚ ଧରଣର ଲେଖାରେ ପତ୍ରିକାଟି ଜନପ୍ରିୟ ହୋଇ ପାରିଥିଲା ।

ସେବକ ହରିଶ୍ଚନ୍ଦ୍ର ଦାଶ—

ଅନାଥ ଶବ ସତ୍କାର, ରୋଗୀସେବା ଏବଂ ଜନସାଧାରଣଙ୍କର ସେବାକାର୍ଯ୍ୟ କରିବାପାଇଁ ଶ୍ରୀଯୁକ୍ତ ହରିଶ୍ଚନ୍ଦ୍ର ଦାଶ ୧୯୪୧

Digitized by PPRACHIN, SOA

ଖ୍ରୀଷ୍ଟାବ୍ଦରେ "ଠକ୍କରବାପା" ସହକର୍ମୀଙ୍କୁ ନେଇ ବାରିପଦାରେ ଗୋଟିଏ "ସେବାସଂଘ" ପ୍ରତିଷ୍ଠା କରିଥିଲେ । ଏହାଛଡ଼ା ୧୯୪୬ ଖ୍ରୀଷ୍ଟାବ୍ଦରେ ଓଡ଼ିଶାର ଅନ୍ୟାନ୍ୟ ଗଡ଼ଜାତ ପ୍ରଜାମଣ୍ଡଳ ଆନ୍ଦୋଳନକୁ ସାହାଯ୍ୟ କରିବା ପାଇଁ ବହୁ ଅର୍ଥ ବ୍ୟୟ କରି କଟକରେ ଗୋଟିଏ ଜାଗରଣ ପ୍ରେସ ଓ ଓଡ଼ିଶା ଗଡ଼ଜାତ ତାର ନାମକ ଗୋଟିଏ ପତ୍ରିକା ପ୍ରତିଷ୍ଠା କରିଥିଲେ । ମିଶ୍ରଣପରେ ଏହି ପତ୍ରିକା "ନବୀନ ଉତ୍କଳ" ନାମରେ ପରିଚିତ ହୋଇଅଛି ଓ ଗଡ଼ଜାତର ମୁଖପାତ୍ର ରୂପେ ପ୍ରକାଶ ପାଉଛି !

କଟକ ସହରସ୍ଥ ରାଜାବଗିଚା ହରିଜନ ଭାଇମାନଙ୍କ ଶିକ୍ଷାର ଉନ୍ନତି କଲେ । ସେଠାରେ ଗୋଟିଏ ହରିଜନ ବିଦ୍ୟାଳୟ ୧୯୪୨ ସାଲରେ ଶ୍ରୀଯୁକ୍ତ ହରିଶ୍ଚନ୍ଦ୍ର ଦାଶଙ୍କ ସାହାଯ୍ୟରେ ପ୍ରତିଷ୍ଠିତ ହୋଇଥିଲା, ଏତଦ୍ ବ୍ୟତୀତ ମିଲିଟାରୀମାନଙ୍କ ଦ୍ୱାରା ଚୌଦ୍ୱାରର ଧ୍ୱସ୍ତ ହୋଇଥିବା ଅଂଚଳମାନଙ୍କରେ ସାହାଯ୍ୟ ପହଞ୍ଚାଇବା ପାଇଁ କଟକ ଜାଗରଣ ପ୍ରେସକୁ କେନ୍ଦ୍ର କରି ଗୋଟିଏ ଅନୁଷ୍ଠାନ ଗଢ଼ା ଯାଇଥିଲା ଏବଂ ଏହି ଅନୁଷ୍ଠାନର କର୍ମୀମାନେ ବିଧ୍ୱସ୍ତ ଅଂଚଳରେ ଯାଇ ସେବାକାର୍ଯ୍ୟ କରିଥିଲେ ଓ ହରିଶ୍ଚନ୍ଦ୍ର ବାବୁ ନିଜେ ଏ ଧ୍ୱସ୍ତ ଅଂଚଳକୁ ସାହାଯ୍ୟକରିବା ପାଇଁ ଭିକ୍ଷାସଂଗ୍ରହ କରୁଥିବା ମିହ୍ରାଟେଦନ୍‌ଙ୍କ ହସ୍ତରେ ଗୋଟିଏ ପାଣ୍ଠି ଦାନ କରିଥିଲେ ।

୧୯୪୩ ଖ୍ରୀଷ୍ଟାବ୍ଦରେ ଉତ୍ତର ବାଲେଶ୍ୱର ଓ ତମଲୁକରେ ଝଡ଼ ତୋଫାନ ହେବାଫଳରେ ଲୋକେ ଭୀଷଣ କ୍ଷତିଗ୍ରସ୍ତ ହୋଇଥିଲେ । ଶ୍ରୀଯୁକ୍ତ ହରିଶ୍ଚନ୍ଦ୍ର ଦାଶଙ୍କ ନେତୃତ୍ୱରେ ଗୋଟିଏ ସ୍ୱେଚ୍ଛାସେବକ ବାହିନୀ ଗଠିତ ହୋଇ, ଚୂଡ଼ା ଗୁଡ଼ ଓ ଅର୍ଥ ବନ୍ୟା ପୀଡ଼ିତ ଲୋକଙ୍କ ମଧ୍ୟରେ ବିତରଣ କରାଯାଇଥିଲା, ଏବଂ

Digitized by PPRACHIN, SOA

ହୋମିଓପ୍ୟାଥି, କବିରାଜ ଔଷଧ ବିତରଣ କରି ଯାଇ ଅନେକ ରୋଗୀଙ୍କୁ ମରଣ ମୁହଁରୁ ରକ୍ଷା କରାଯାଇଥିଲା ।

ଠିକ ଏହି ସମୟରେ ବାରିପଦାରେ କଲେରା ରୋଗ ଦେଖା ଦେଇଥିଲା । ହରଣ ବାବୁ କଲେରା ରୋଗୀଙ୍କୁ ଡାକ୍ତର ଖାନାକୁ ନେବା ପାଇଁ ତାଙ୍କର ବହୁମୂଲ୍ୟ ଟଙ୍କାର ଗୋଟିଏ ଗାଡି ସେବାସଂଘକୁ ଦାନ କରିଥିଲେ । ଏହି ଗାଡି ଓ ସ୍ୱେଚ୍ଛାସେବକଙ୍କର ଅଦ୍‌ଭୁତ ସେବାରେ କଲେରା ରୋଗ ଅଧିକ ପରିମାଣରେ ବ୍ୟାପି ପାରି ନଥିଲା । ଏହାଛଡ଼ା ଏହାଙ୍କ ନେତୃତ୍ୱରେ ଦୁର୍ଭିକ୍ଷ ପ୍ରପୀଡ଼ିତ ବ୍ୟକ୍ତିଙ୍କୁ ବଞ୍ଚାଇ ରଖିବା ପାଇଁ ବାରିପଦାରେ ଏକ ଅନ୍ନଛତ୍ର ଖୋଲା ଯାଇଥିଲା ।

ରାଜନୀତି କ୍ଷେତ୍ରରେ ହରଣ ବାବୁଙ୍କ ଅଗ୍ରସର—

ଏହି ସମୟରେ ଶ୍ରୀ ହରେକୃଷ୍ଣ ଦାଶ ରାଜନୀତି କ୍ଷେତ୍ରରେ ମୟୂର-ଭଂଜକୁ ଆଉ ଏକ ପାଦ ଅଗ୍ରସର କରାଇଥିଲେ । ରାଜ୍ୟରେ ଥିବା ବିଭିନ୍ନ ୪ ଗୋଟି ପ୍ରଜାସଭାର ସଭ୍ୟଙ୍କୁ ନେଇ ଗୋଟିଏ ମିଳିତ ପ୍ରଜାସଭା ଗଠନ କରିଥିଲେ ଏବଂ ଏହି ସଭାରେ "ମୟୂରଭଂଜରେ ପୂର୍ଣ୍ଣ ଦାୟିତ୍ୱ ମୂଳକ ଶାସନ ପ୍ରତିଷ୍ଠିତ ହେଉ" ବୋଲି ଦାବୀ ଉପସ୍ଥାପିତ କରିଥିଲେ ।

ମୟୂରଭଂଜରେ ଜଳ ସରବରାହ ବାବଦ ଯେତେ ଟଙ୍କା ସରକାରଙ୍କ ବଂଚିତ ହେଉଥିଲା ତାହା ଯେପରି ନ ହୋଇ ବିଭିନ୍ନ ସ୍ୱାର୍ଥଭଜନରେ ପ୍ରଜାସଭାର ବେସରକାରୀ ଓ ସରକାରୀ ପ୍ରତିନିଧିଙ୍କୁ ନେଇ ଗୋଟିଏ ୨ ଜଳ ସରବରାହ କମିଟି ଗଠନ

Digitized by PPRACHIN, SOA

କରିଯାଉ ଏବଂ ତା ହସ୍ତରେ ଏ ବାବଦ ଟଙ୍କା ଦିଆଯାଇ କାର୍ଯ୍ୟ ଆରମ୍ଭ ହେଉ ବୋଲି ଶ୍ରୀ ହରିଶ୍ଚନ୍ଦ୍ର ଦାଶ ଦାବୀ କଲେ ସରକାର ଅନୁମୋଦନ କରିଥିଲେ ଏବଂ ନିଜେ ହରିଶ ବାବୁଙ୍କ ସଭାପତିତ୍ୱରେ ଗୋଟିଏ ଜଳ ସରବରାହ କମିଟି ଗଠିତ ହୋଇ ଥିଲା ।

ସୈନିକ ହରିଶ୍ଚନ୍ଦ୍ର ଦାଶ—

ଯାପାନ ଆକ୍ରମଣ କରିବା ଆଶଙ୍କାରେ ମୟୂରଭଞ୍ଜ ଭୀତ ସନ୍ତ୍ରସ୍ତ । ଘରବାଡି ଛାଡି ଲୋକେ ପଳାଇବାରେ ବ୍ୟସ୍ତଥିଲେ । ଏହି ଭୟରୁ ଲୋକଙ୍କୁ ରକ୍ଷାକରିବା ପାଇଁ ଶ୍ରୀ ହରିଶ୍ଚନ୍ଦ୍ର ଦାଶଙ୍କ ନେତୃତ୍ୱରେ ଏକ ସିଭିକ୍ ଗାର୍ଡ ଗଢାଯାଇଥିଲା ଏବଂ ତାଙ୍କର ଅଭୟ ଉକ୍ତିର ଫଳରେ ଲୋକେ ପୁନର୍ବାର ନିଜ ୨ ଘରକୁ ଫେରି ଆସିଥିଲେ ।

ନାଗରିକ ହରିଶ୍ଚନ୍ଦ୍ର ଦାଶ—

ବାରିପଦା ମ୍ୟୁନିସିପାଲିଟି ଚେୟାରମ୍ୟାନ୍ ମହାରାଜାଙ୍କ ଦ୍ୱାରା ମନୋନୀତ ହେଉଥିଲେ । ଏହିପଦ ମହାରାଜାଙ୍କ ଦ୍ୱାରା ମନୋ-ନୀତ ନ ହୋଇ ଜନସାଧାରଣଙ୍କ ଦ୍ୱାରା ନିର୍ବାଚିତ ହେଉ ବୋଲି ଶ୍ରୀ ହରିଶ୍ଚନ୍ଦ୍ର ଦାଶ ଏକ ସାଧାରଣ ସଭାରେ ଦାବୀ କରିଥିଲେ । ମହାରାଜାଙ୍କ କ୍ଷମତାରେ ଆଞ୍ଚ ଆସିବାରୁ ସେ ଉତ୍ୟକ୍ତ ହୋଇ ପଡିଲେ । ୧୯୪୫ ଖ୍ରୀଷ୍ଟାବ୍ଦରେ ବାରିପଦା ମ୍ୟୁନିସିପାଲିଟି

Digitized by PPRACHIN, SOA

ନିର୍ବାଚନ ଆରମ୍ଭ ହେଲା । ଶ୍ରୀଯୁକ୍ତ ହରିଶ୍ଚନ୍ଦ୍ର ଦାଶ ଓ ତାଙ୍କ ଦଳ ବିଭିନ୍ନ ଓ୍ୱାର୍ଡର କମିସନର ରୂପେ ପ୍ରାର୍ଥୀ ହେଲେ । କିନ୍ତୁ ମହାରାଜା ଓ ତାଙ୍କ ସରକାର ଶ୍ରୀଯୁକ୍ତ ହରିଶ୍ଚନ୍ଦ୍ର ଦାଶଙ୍କ ବିରୁଦ୍ଧରେ ନିର୍ବାଚନରେ ହସ୍ତକ୍ଷେପ କରିବାରୁ ହରିଶବାବୁ ତାଙ୍କ ଦଳ ସହ ପ୍ରାର୍ଥୀପଦ ପ୍ରତ୍ୟାହାର କରି ନେଇଥିଲେ ।

ଦାନୀ ହରିଶ୍ଚନ୍ଦ୍ର ଦାଶ—

ଦାନ ଦିଗରେ ହରିଶ ବାବୁ ତାଙ୍କ ଜୀବନରେ କେବେହେଁ ପଶ୍ଚାତ୍‌ପଦ ହୋଇନାହାନ୍ତି । ଲୋକେ କହନ୍ତି ଯେ ସେ ତାଙ୍କ ନାମକୁ ସାର୍ଥକ କରିଛନ୍ତି । ଯେ ଯେତେବେଳେ ତାଙ୍କ ଦ୍ୱାରସ୍ଥ ହୋଇଛନ୍ତି ବିଫଳ ମନୋରଥରେ ସେ କେବେହେଁ ଫେରି ଥିବାର ଜଣାଯାଇନି । ଏହାଛଡ଼ା ଅନେକ ଛାତ୍ରମାନଙ୍କୁ ସେ ଅର୍ଥ ସାହାଯ୍ୟ କରି ଉଚ୍ଚଶିକ୍ଷା ଦାନ କରିଛନ୍ତି । ଏପରିକି କେତେ ଛାତ୍ରଙ୍କୁ ଶିକ୍ଷାର ନିମ୍ନସ୍ତରରୁ ବି,ଏ,ଏମ୍‌, ଏ ପର୍ଯ୍ୟନ୍ତ ସମସ୍ତ ଶିକ୍ଷାର ବ୍ୟୟଭାର ବହନ କରିଛନ୍ତି । ଏହା ସଙ୍ଗେ ୨ କେତେଗୁଡ଼ିଏ ପାଠଶାଳା ପ୍ରତିଷ୍ଠା କରି ତାର ସମସ୍ତ ବ୍ୟୟ ନିଜେ ବହନ କରିଛନ୍ତି ।

ଧର୍ମପ୍ରାଣ ହରିଶ୍ଚନ୍ଦ୍ର ଦାଶ—

ଦୈନିକ ନାନା କାର୍ଯ୍ୟରେ ଲିପ୍ତ ଥାଇ ମଧ୍ୟ ହରିଶ ବାବୁ ପଣ୍ଡିତ-ମାନଙ୍କ ସହିତ ଧର୍ମଶାସ୍ତ୍ର ଆଲୋଚନାରେ କେତେ ସମୟ କଟାଇ ଥାନ୍ତି ।

Digitized by PPRACHIN, SOA

ସେ ନିଜେ ଜଣେ ଶକ୍ତି ଉପାସକ ଓ ଧର୍ମପ୍ରାଣ ଲୋକ ଅନ୍ୟାନ୍ୟ ଧର୍ମ ଭିତରେ ପ୍ରବେଶ କରେନା ବୋଲି ଆମର ପୂର୍ବ ବିଶ୍ୱାସ ।

ଦୟାଳୁ ହରିଶ୍ଚନ୍ଦ୍ର ଦାଶ—

ଦୀନ ଦୁଃଖୀଙ୍କ ପ୍ରତି ଦୟା କରିବା ହରିଶ୍ ବାବୁଙ୍କର ଗୋଟିଏ ବିଶେଷତ୍ୱ । କୌଣସିଠାରେ ରୋଗୀ ପଡ଼ିଥିବାର ଖବର ପାଇଲେ ବା ଦୁଃଖି ଦେଖିଲେ ସେଠାକୁ ଯାଇ ଅଯାଚିତ ଭାବେ ସାହାଯ୍ୟ କରନ୍ତି । ତାଙ୍କ ଦ୍ୱାର ଦୀନ ଦୁଃଖୀଙ୍କ ପାଇଁ ସଦାବେଳେ ଉନ୍ମୁକ୍ତ ।

ବୈଧାନିକ ଓ ବ୍ୟବସ୍ଥାପକ ହରିଶ୍ଚନ୍ଦ୍ର ଦାଶ—

ଗଣତନ୍ତ୍ର ଯୁଗରେ କ୍ଷମତାକୁ ଗୋଟାଏ ସ୍ଥାନରେ ସୀମାବଦ୍ଧ ନକରି ତାକୁ ବିକେନ୍ଦ୍ରୀକରଣ କରିବା ହରିଶ ବାବୁଙ୍କ ବହୁଦିନର ଲକ୍ଷ୍ୟ । କି ପ୍ରକାର ବିଧାନ ପ୍ରଣୟନ କଲେ ସମସ୍ତ ଗଡ଼ଜାତରେ ଏହା ସୁଚାରୁରୂପେ କାର୍ଯ୍ୟକାରୀ ହୋଇପାରିବ ଓ ସମସ୍ତେ ଉପକୃତ ହେବେ ସେଥିପାଇଁ ୧୯୪୭ ଖ୍ରୀଷ୍ଟାବ୍ଦରେ ବହୁ ଗବେଷଣା କରି ବିଧାନମାନ ପ୍ରଣୟନ କରିଛନ୍ତି ।

ଧୈର୍ଯ୍ୟଶାଳୀ ହରିଶ୍ଚନ୍ଦ୍ର ଦାଶ—

ହରିଶ ବାବୁ "ଧୈର୍ଯ୍ୟ" ର ଯେ ଏକ ଜୀବନ୍ତ ପ୍ରତିମୂର୍ତ୍ତି ତାହା କାର୍ଯ୍ୟକ୍ଷେତ୍ରରେ ବେଶ୍ ବହୁବାର ପ୍ରମାଣିତ ହୋଇଛି ! କାର୍ଯ୍ୟ

Digitized by PPRACHIN, SOA

ଦୃଷ୍ଟିରେ ହେଉ ବାଧା ବିଘ୍ନ ପଡ଼ୁ ପଛକେ ସେ ଧୈର୍ଯ୍ୟ ଅବଲମ୍ବନ କରି ତାହା ଶେଷ ନହେଲା, ପର୍ଯ୍ୟନ୍ତ 'ବିଶ୍ରାମ ନିଅନ୍ତି ନାହିଁ । ଅଜସ୍ର ଅର୍ଥବ୍ୟୟ କରି କାର୍ଯ୍ୟ ଯଦି ସଫଳ ନ ହୁଏ ତଥାପି ସେଥିପ୍ରତି ତାଙ୍କର ଭ୍ରୂକ୍ଷେପ ନ ଥାଏ । ଏସଂପର୍କେ ଲୋକେ କହନ୍ତି ହରିଶ ବାବୁଙ୍କ ହାତ ପଥରରେ ଗଢ଼ା ।

ଯୁବକ ନେତା ହରିଶ୍ଚନ୍ଦ୍ର ଦାଶ—

ମୟୂରଭଞ୍ଜରେ ଦଳଗତ ଶାସନ ପ୍ରତିଷ୍ଠା କରି ନିଜର ସ୍ୱାର୍ଥସାଧନ ପାଇଁ ମୟୂରଭଞ୍ଜକୁ ଓଡ଼ିଶା ସହ ନ ମିଶାଇ ତାକୁ ସ୍ୱତନ୍ତ୍ର ରଖିବା ପାଇଁ ୧୯୪୮ ଖ୍ରୀଷ୍ଟାବ୍ଦରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଶ୍ରୀ ଶରତ ଦାସ ଓ ତାଙ୍କ ସରକାର ପ୍ରଜାଙ୍କ ଧନ ଧୂଳିପରି ଉଡ଼ାଇ ମିଶ୍ରଣ ବିରୁଦ୍ଧରେ ପ୍ରଚାର ଚଳାଇଥିଲେ । ମାତ୍ର ମୟୂରଭଞ୍ଜ ପ୍ରଜାଙ୍କ ତଥା ଓଡ଼ିଶାର ସମୂହ ଉନ୍ନତି ଦୃଷ୍ଟିରୁ ମୟୂରଭଞ୍ଜକୁ ଓଡ଼ିଶା ସଙ୍ଗେ ମିଶାଇ ଦେବାପାଇଁ ଯୁବକ ନେତା ହରିଶ ବାବୁଙ୍କ ନେତୃତ୍ୱରେ ଏକ ନୈକ୍ରଶଳୀ ଅନୁଷ୍ଠାନ ଗଠିତ ହେଲା । ଶରତ ଦାସଙ୍କ ସରକାର ଭୀଷଣ ବାଧା ବିଘ୍ନ ସୃଷ୍ଟି କରିଥିଲେ ମଧ୍ୟ ଯୁବକ ନେତା ଶ୍ରୀ ହରିଶ୍ଚନ୍ଦ୍ର ଦାଶଙ୍କ ନିକଟରେ ପରାଜୟ ସ୍ୱୀକାର କରିବାପାଇଁ ବାଧ୍ୟ ହେଲେ । ମୟୂରଭଞ୍ଜ ଓଡ଼ିଶାରେ ଚିରଦିନପାଇଁ ମିଶିଲା ।

ମୟୂରଭଞ୍ଜ ପ୍ରଜାଭାଇଙ୍କ ମଧ୍ୟରେ ରାଜନୈତିକ ଚେତନା ଆଣିବା ପାଇଁ ସେ ୧୯୪୮ ଜାନୁଆରୀ ୧୪ ତାରିଖରେ "ମୟୂରଭଞ୍ଜ" ଜାଗରଣ' ନାମକ ଏକ ସପ୍ତାହିକ ପତ୍ରିକା ପ୍ରକାଶ କରିଛନ୍ତି ।

Digitized by PPRACHIN, SOA

ଦେଶର ମଙ୍ଗଳପାଇଁ ହରେକୃଷ୍ଣ ବାବୁ ଦୀର୍ଘଜୀବୀ ହୁଅନ୍ତୁ ।

ଚଉାଳିଶି ଅମାବାସ୍ୟା

୨୫ • ୭ • ୪୯

ସଙ୍ଗୀ ଓ ସମ୍ପାଦକଦ୍ୱୟ
ରାଧାଶ୍ୟାମ ମିଶ୍ର
ବାସୁଦେବ ମହାପାତ୍ର

ମୁଦ୍ରାକର ଶ୍ରୀ ବାସୁଦେବ ମହାପାତ୍ରଙ୍କ ଦ୍ୱାରା କଟକ ଜାଗରଣ ପ୍ରେସରେ
ମୁଦ୍ରିତ —୧୯୪୯

Digitized by PPRACHIN, SOA

ପ୍ରଚାରକ ଶ୍ରୀ ହରିଶ୍ଚନ୍ଦ୍ର ଦାଷ

ଋଷିମୂଲଆଙ୍କ ହରଷ ବାବୁ

Digitized by PPRACHIN, SOA

ଜାଗରଣ ପ୍ରେସ

କଟକ

Digitized by PPRACHIN, SOA